# ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ ।

ସମ୍ପ୍ରତି ତ୍ରି ସ୍ତରୀୟ ପଞ୍ଚାୟତିରାଜ ମତଦାନ ଆସନ୍ତା କାଲି ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି । ଅନୁଗୋଳ ଓ ବଅଁରପାଳ ୨ଟି ବ୍ଲକ୍ ପାଇଁ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ଅନୁଗୋଳ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଷ୍ଟାଡିୟମ ପରିଦର୍ଶନରେ ଯାଇ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ରରେ ହୋଇଥିବା ବିଭିନ୍ନ କାଉଣ୍ଟର ବୁଲି ଦେଖିଥିଲେ । ପାନୀୟ ଜଳ ଯୋଗାଣ,ବିଦ୍ୟୁତ୍ ସେବା ଓ ସାମଗ୍ରୀ ବିତରଣ କାର୍ଯ୍ୟକୁ ତଦାରଖ କରିଥିଲେ । ପ୍ରକାଶଥାଉ କି ଅନୁଗୋଳ ବ୍ଲକର ୪୭୪ଟି ବୁଥ୍ ପାଇଁ ୫୨୦ ଜଣ ପ୍ରିଜାଇଡିଂ ଅଫିସର ଓ ୧୦୪୦ ଜଣ ପ୍ରଥମ ଓ ଦ୍ୱିତୀୟ ପୁଲିଂ ଅଫିସର ନିଯୁକ୍ତି ହୋଇଥିବା ବେଳେ ବଅଁରପାଳ ବ୍ଲକ୍ ପାଇଁ ୪୭୧ଟି ବୁଥର ୫୨୦ ଜଣ ପ୍ରିଜାଇଡିଂ ଅଫିସର ଓ ୧୦୪୦ ଜଣ ପ୍ରଥମ ଓ ଦ୍ୱିତୀୟ ପୁଲିଂ ଅଫିସର ନିଯୁକ୍ତି ହୋଇଛନ୍ତି । ଏହଛଡା ପ୍ରତ୍ୟେକ ପୁଲିଂ ପାର୍ଟିରେ ଜଣେ ଲେଖାଏଁ ପୋଲିସ କର୍ମଚାରୀ ନିଯୁକ୍ତି ଅଛନ୍ତି । ବିଭିନ୍ନ କାଉଣ୍ଟରରେ ସାମଗ୍ରୀ ବିତରଣକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରାଯାଇଥିଲା । ଅନୁଗୋଳ ବ୍ଲକ୍ ପାଇଁ ନିର୍ବାଚନ ପରିଚାଳନା ତଦାରଖ କରିବା ନିମନ୍ତେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି କରାଯାଇଥିବା ବେଳେ ବଅଁରପାଳ ବ୍ଲକ୍ ପାଇଁ ନୋଡାଲ ଅଫିସର ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପତିଙ୍କୁ ନିଯୁକ୍ତି କରାଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୧୧୬ ତା. ୧୫.୦୨.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

15/02/2022

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

